# NATIONAL NEWS BULLETIN (ODIA)
## 2 December - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ସାଇବର ଅପରାଧ ଏବଂ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ଆହ୍ୱାନଗୁଡ଼ିକୁ ଏକ ସୁଯୋଗରେ ପରିଣତ କରିବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।
- ଗତ ଦଶନ୍ଧି ମଧ୍ୟରେ ଦେଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଓ ଅଭିନବତା ଦେଖିବାକୁ ମିଳିଛି - କହିଲେ ଉପରାଷ୍ଟ୍ରପତି ।
- ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲା ହିଂସାକାଣ୍ଡର ତଦନ୍ତ ପ୍ରକ୍ରିୟା ଆରମ୍ଭ ।
- ସୁରକ୍ଷା ଦୃଷ୍ଟିକୋଣରୁ ଇସ୍ରାଏଲ ଓ ଗାଜା ମଧ୍ୟସ୍ଥ ମୁଖ୍ୟ କ୍ରସିଂ ଦେଇ ସହାୟତା ଯୋଗାଣ ସ୍ଥଗିତ ରଖାଯାଇଛି ବୋଲି ଜାତିସଂଘ ସଂସ୍ଥାର ସୂଚନା ।

ଏବଂ

- ଜୁନିୟର ଏସିଆକପ୍ ହକି ପ୍ରତିଯୋଗିତାରେ ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ।

# ପିଏମ୍ ପୁଲିସ କନ୍‌ଫରେନ୍ସ

ସାଇବର ଅପରାଧ ଏବଂ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ଆହ୍ୱାନଗୁଡ଼ିକୁ ଏକ ସୁଯୋଗରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଲିସକୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶା ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ପୁଲିସ ବିଭାଗର ନିମ୍ନସ୍ତରରେ କାର୍ଯ୍ୟଭାର ହ୍ରାସ କରିବା ଲକ୍ଷ୍ୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ବିକଶିତ ଭାରତର ପରିକଳ୍ପନା ସହିତ ଯୋଡ଼ିହୋଇ ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜାତୀୟ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ସୁରକ୍ଷା ଆହ୍ୱାନର ମୁକାବିଲା ଦିଗରେ ବୈଠକରେ ବ୍ୟାପକ ଆଲୋଚନା ହୋଇଛି । ଏ ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ଶ୍ରୀ ମୋଦୀ ସନ୍ତୋଷପ୍ରକାଶ କରିଛନ୍ତି ।

ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀ ମନୋନୀତ ଅଧିକାରୀଙ୍କୁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରିଥିଲେ । ତିନିଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା, ନିଶା କାରବାର, ଆତଙ୍କବାଦୀ ମୁକାବିଲା, ସାଇବର ଅପରାଧ, ଅର୍ଥନୈତିକ ନିରାପତ୍ତା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା

ହୋଇଛି । ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ସଂଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ପ୍ରେଜ୍ ଆୱାର୍ଡସ

ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଭିନ୍ନକ୍ଷମ ସଶକ୍ତିକରଣ ଜାତୀୟ ପୁରସ୍କାର ପ୍ରଦାନ କରିବେ । ଏ ସମ୍ପର୍କରେ ସୂଚନା ଦେଇ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର କୁମାର କହିଛନ୍ତି ମୋଟ୍ ୨୨ଜଣ ବ୍ୟକ୍ତି ଏବଂ ୧୧ଟି ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସର୍ବଶ୍ରେଷ୍ଠ ଦିବ୍ୟାଙ୍ଗଜନ ୨୦୨୪ ବର୍ଗରେ ବ୍ୟକ୍ତିଗତ ଉଲ୍ଲେଖନୀୟ ସଫଳତା ପାଇଁ ଅମର ଜୈନଙ୍କୁ ପୁରସ୍କୃତ କରାଯିବ । ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ମନ୍ତ୍ରୀ ଡକ୍ଟର କୁମାର ସୂଚନା ଦେଇଛନ୍ତି ।

## ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଗତ ଦଶନ୍ଧି ମଧ୍ୟରେ ଦେଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଏବଂ ଅଭିନବତା ଦେଖିବାକୁ ମିଳିଛି । ଦେଶରେ ଡିଜିଟାଲ ଏବଂ ଭିତ୍ତିଭୂମି ବିକାଶ ସହ ସମନ୍ୱିତ ବଜାର ସଂଯୋଗ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରିଛି ବୋଲି ଉପରାଷ୍ଟ୍ରପତି

କହିଛନ୍ତି । କାନପୁର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଗତ ସଂଧ୍ୟାରେ ଭାରତର ବିକାଶରେ ଉଦ୍‌ଭାବନର ଭୂମିକା ଶୀର୍ଷକ ଭାଷଣ ପ୍ରଦାନ କରି ଉପରାଷ୍ଟ୍ରପତି ଦେଶର ବୈଷୟିକ ଉନ୍ନତି ଏବଂ ଉଦ୍‌ଭାବନରେ ଅଗ୍ରଣୀ ପାଇଁ ସ୍ମାର୍ଟ, ସମାଧାନ ଭିତ୍ତିକ ଏବଂ ସ୍ଥାୟୀ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି ।

## ୟୁପି-ମହା କୁମ୍ଭ ଡିଷ୍ଟ୍ରିକ୍ଟ

ଉତ୍ତରପ୍ରଦେଶର ପ୍ରୟାଗରାଜ ଅନ୍ତର୍ଗତ ମହାକୁମ୍ଭ ଅଞ୍ଚଳକୁ ନେଇ ଏକ ନୂଆ ଜିଲ୍ଲା ଗଠନ କରାଯାଇଛି । ମହାକୁମ୍ଭ ମେଳା ନାମରେ ଏହି ନବଗଠିତ ଜିଲ୍ଲାକୁ ନାମିତ କରାଯାଇଛି ବୋଲି ଉତ୍ତରପ୍ରଦେଶ ସରକାର ଘୋଷଣା କରିଛନ୍ତି । କୁମ୍ଭମେଳାର ପରିଚାଳନା ଏବଂ ଶୃଙ୍ଖଳିତ ବ୍ୟବସ୍ଥା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ପ୍ରତି ୧୨ ବର୍ଷରେ ଥରେ ଆୟୋଜିତ ହେଉଥିବା ମହାକୁମ୍ଭ ମେଳା ଚଳିତଥର ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ସମ୍ଭଲ କମିଶନ

ଉତ୍ତରପ୍ରଦେଶ ସମ୍ଭଲ ଜିଲ୍ଲା ଅନ୍ତର୍ଗତ ସାହିଜାମା ମସ୍‌ଜିଦ୍ ସର୍ଭେ କାର୍ଯ୍ୟ ସମୟରେ ଘଟିଥିବା ହିଂସାକାଣ୍ଡରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଘଟଣାର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ

ବିଚାରପତି ଦେବେନ୍ଦ୍ର କୁମାର ଅରୋରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ରାଜ୍ୟ ପୁଲିସ ମୁଖ୍ୟ ଅରବିନ୍ଦ କୁମାର ଜୈନ୍ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅମିତ ମୋହନ ପ୍ରସାଦଙ୍କୁ ନେଇ ରାଜ୍ୟ ସରକାର ନ୍ୟାୟିକ ତଦନ୍ତ କମିଶନ ଗଠନ କରିଥିଲେ । କମିଶନର ସଦସ୍ୟ ମସ୍‌ଜିଦ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ କମିଶନର ଦୁଇଜଣ ସଦସ୍ୟ ମସ୍‌ଜିଦ୍ ପରିଦର୍ଶନ କରିବା ସହିତ ପୁଲିସ ଓ ପ୍ରଶାସନିକ ଅଧିକାରୀ, ଆଖପାଖର ବ୍ୟବସାୟୀ ଏବଂ ମସ୍‌ଜିଦ୍‌ରେ ଉପସ୍ଥିତ ଥିବା ଲୋକଙ୍କ ସହ ଆଲୋଚନା କରିଥିଲେ । ସମ୍ଭଲରେ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଛି ।

## ଜିଏସ୍‌ଟି କଲେକ୍ସନ

ଦେଶର ମୋଟ୍ ଜିଏସ୍‌ଟି ଆଦାୟ ଗତ ନଭେମ୍ବର ମାସରେ ୧ଲକ୍ଷ ଲକ୍ଷ ୮୨ହଜାର କୋଟି ଟଙ୍କାରେ ପହଞ୍ଚିଛି । ପୂର୍ବବର୍ଷର ଏହି ସମୟ ତୁଳନାରେ ଆଦାୟ ୮ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇଛି । ଗତବର୍ଷ ନଭେମ୍ବର ମାସରେ ମୋଟ୍ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ ୬୮ହଜାର କୋଟି ଟଙ୍କା ଥିଲା । ଚଳିତବର୍ଷ ନଭେମ୍ବରରେ ସଂଗୃହୀତ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ରୀୟ ଆଦାୟ ୩୪ହଜାର ୧୪୧କୋଟି, ରାଜ୍ୟ ଆଦାୟ ୪୩ହଜାର ୪୭କୋଟି, ସମନ୍ୱିତ ଆଦାୟ ୯୧ହଜାର ୮୨୮କୋଟି ଏବଂ ସେସ୍ ୧୩ହଜାର ୨୫୩କୋଟି ହୋଇଛି । ସୂଚନାଯୋଗ୍ୟ ଗତ ଅକ୍ଟୋବରରେ ମୋଟ୍

ଜିଏସ୍‌ଟି ଆଦାୟ ୧ଲକ୍ଷ ୮୭ହଜାର କୋଟି ଟଙ୍କାରୁ ଅଧିକ ହୋଇଥିଲା ।

## ୟୁଏନ୍ ଏଡ୍ ଗାଜା

ସୁରକ୍ଷା ଦୃଷ୍ଟିକୋଣରୁ ଇସ୍ରାଏଲ ଏବଂ ଗାଜା ମଧ୍ୟସ୍ଥ ମୁଖ୍ୟ କ୍ରସିଂ ଦେଇ ସହାୟତା ଯୋଗାଣକୁ ସ୍ଥଗିତ ରଖାଯାଇଛି ବୋଲି ଜାତିସଂଘ ସଂସ୍ଥା ସୂଚନା ଦେଇଛି । ମିଳିତ ଜାତିସଂଘର ୟୁଏନ୍‌ଆର୍‌ଡବ୍ଲୁଏ **(UNRWA)**ର ମୁଖ୍ୟ ଫିଲିପ ଲାଜାରିନ୍ କହିଛନ୍ତି କେରେମ ସାଲୋମ କ୍ରସିଂ ନିକଟରେ ସଶସ୍ତ୍ର ଗ୍ୟାଙ୍ଗ ଦ୍ୱାରା ୨ଟି ଗାଡ଼ି ଲୁଟ୍ ଘଟଣା ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ନିଆଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଇସ୍ରାଏଲକୁ ଆହ୍ୱାନ ଦିଆଯାଇଛି ବୋଲି ସେ କହିଛନ୍ତି । ଗାଜାକୁ ସହାୟତା ସାମଗ୍ରୀ ପହଞ୍ଚାଇବାରେ ଇସ୍ରାଏଲ ସହଯୋଗ ପ୍ରଦାନ କରିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା । ଗାଜାର ପ୍ରଭାବିତ ଅଞ୍ଚଳର ୨୦ଲକ୍ଷରୁ ଅଧିକ ଲୋକଙ୍କୁ ସହାୟତା ପହଞ୍ଚାଇବାରେ କେରେମ ସାଲୋମ କ୍ରସିଂ ହେଉଛି ମୁଖ୍ୟ ମାର୍ଗ । ତେବେ ଗତ କିଛିସପ୍ତାହ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପ ଏବଂ ଲୁଟ୍‌ପାଟ ଘଟଣା ସହାୟତା ପ୍ରଦାନରେ ପ୍ରତିବନ୍ଧକ ସାଜିଛି ବୋଲି ଲାଜାରିନ୍ ସୂଚନା ଦେଇଛନ୍ତି ।

# ସିରିଆ କନ୍‌ଫିଟ୍ ଇରାନ

ସିରିଆର ଦ୍ୱିତୀୟ ବୃହତ୍ତମ ସହର ଆଲେପ୍ପୋକୁ ବିଦ୍ରୋହୀ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେବା ସହ ଆଖପାଖ ଅଞ୍ଚଳଗୁଡ଼ିକୁ ଦଖଲ କରିଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ ଇରାନ ସିରିଆକୁ ସମର୍ଥନ ପ୍ରଦାନ କରିବ ବୋଲି ଇରାନ ଘୋଷଣା କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘଛି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆରବ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କ ବିରୋଧରେ ଇରାନ ସିରିଆକୁ ସମର୍ଥନ ପ୍ରଦାନ କରିବ । ଦାମାସ୍କସଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ସିରିଆ ସରକାର ଏବଂ ସେନାକୁ ଇରାନ ଦୃଢ଼ ସମର୍ଥନ କରୁଛି ।

# ରୁଷିଆ ଏୟାର ଷ୍ଟ୍ରାଇକ୍ ସିରିଆ

ସିରିଆର ଆଲେପ୍ପୋକୁ ବିଦ୍ରୋହୀଙ୍କ ଦଖଲ ପରିପ୍ରେକ୍ଷୀରେ ରୁଷ୍ ଗତକାଲି ସିରିଆର ବିଭିନ୍ନ ଅଞ୍ଚଳରେ ଆକାଶମାର୍ଗରେ ଆକ୍ରମଣ କରିଛି । ଆଲେପ୍ପୋର ଏକ ଡାକ୍ତରଖାନା ଉପରେ ହୋଇଥିବା ଆକ୍ରମଣରେ ୧୨ଜଣଙ୍କର ମୃତ୍ୟୁ ହୋଇଛି । ଉତ୍ତରପଶ୍ଚିମ ସହର ଇଦିଲିବରେ ୮ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ସିରିଆରେ ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରଥମଥରପାଇଁ ଆଲେପ୍ପୋ ସହର ଉପରେ

ସିରିଆ ସରକାର ନିୟନ୍ତ୍ରଣ ହରାଇଥିବା ସୂଚନା ମିଳିଛି । ଇସ୍‌ଲାମିକ ଆତଙ୍କବାଦୀ ସଂଗଠନ ହାୟାତ୍-ତାହିର-ଅଲ୍-ସାମ ଏବଂ ତୁର୍କୀ ସମର୍ଥିତ ଗୋଷ୍ଠୀ ଏହି ବିଦ୍ରୋହର ନେତୃତ୍ୱ ନେଉଛନ୍ତି । ଏପର୍ଯ୍ୟନ୍ତ ବିଦ୍ରୋହୀଙ୍କ ହିଂସାତ୍ମକ ଘଟଣାରେ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ୨୦୧୬ ପରେ ପ୍ରଥମଥର ପାଇଁ ଆଲେପ୍ପୋ ଅଞ୍ଚଳରେ ରୁଷ୍ ଆକ୍ରମଣ କରିଛି । ସିରିଆ ଏବଂ ରୁଷ୍‌ର ମିଳିତ ଯୁଦ୍ଧବିମାନ ବିଦ୍ରୋହୀଙ୍କ ଆଡ୍ଡାସ୍ଥଳୀ ଉପରେ ଆକ୍ରମଣକୁ ତୀବ୍ର କରିଛି ବୋଲି ସିରିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ସିଓପି-୧୬

ସାଉଦି ଆରବର ରିଆଦଠାରେ ସିଓପି-୧୬ ମିଳିତ ଜାତିସଂଘ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ପ୍ରଥମଥର ପାଇଁ ପଶ୍ଚିମ ଏସିଆରେ ଆୟୋଜିତ ହେଉଛି । ଭାରତ ସମେତ ୧୯୭ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି । ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କ ନେତୃତ୍ୱରେ ଭାରତୀୟ ପିତିନିଧି ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ବନୀକରଣ, ଜୈବ ବିବିଧତା ସଂରକ୍ଷଣ, ଉନ୍ନତ ଜଳ ପରିଚାଳନା ରଣନୀତି, ଭୂମି ଅପକ୍ଷୟ, ମରୁଡି ମୁକାବିଲା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ

ଆଲୋଚନା କରାଯିବ । ଏହି ସମ୍ମିଳନୀ ଆସନ୍ତା ୧୩ ତାରିଖରେ ଉଦ୍‌ଯାପିତ ହେବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅଖିଳ ଭାରତୀୟ ଭେଷଜ ପ୍ରତିଷ୍ଠାନ-ଏମ୍‌ସର ମାନସିକ ବିଭାଗ ପ୍ରଫେସର ଡକ୍ଟର ରାଜେଶ ସାଗର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ହକି-ଜୁନିୟର ଏସିଆ କପ୍

ଜୁନିୟର ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଓମାନର ମସ୍କଟଠାରେ

ଚାଲିଥିବା ଏହି ପ୍ରତିଯୋଗିତାର ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ଭାରତ’ ଦକ୍ଷିଣ କୋରିଆକୁ ୮-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଅର୍ସଦୀପ ସିଂହ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ।